ଆଇ.ଟି.ସି. ଲିମିଟେଡ଼

ବନାମ

କେନ୍ଦ୍ରୀୟ ଅବକାରୀ ସଂଗ୍ରାହକ, ବମ୍ବେ

ଅଗଷ୍ଟ 26, 1996

[ଜେ.ଏସ୍. ବର୍ମା ଏବଂ ବି.ଏନ୍. କିରପାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଅଧିସୂଚନା – କାର୍ଯ୍ୟକାରିତା ଏବଂ ପ୍ରବର୍ତ୍ତନୀୟତା – ଶାସକୀୟ ରାଜପତ୍ରରେ ପ୍ରକାଶନ – ଅଧିସୂଚନା ଦ୍ୱାରା ଆଗତ ପରିବର୍ତ୍ତନଗୁଡ଼ିକ ମଧ୍ୟ ରେଡ଼ିଓ ମାଧ୍ୟମରେ ଘୋଷଣା କରାଯାଇଛି – ପ୍ରେସ୍ ବିଜ୍ଞପ୍ତି ମଧ୍ୟ କରାଯାଇଛି – ଅପିଲକାରୀଙ୍କ ଦାବି ଯେ, ଆଇନକୁ ଜଣାଶୁଣା କରିବାରେ ବିଫଳତା ଥିଲା – ଗ୍ରହଣୀୟ ନୁହେଁ ବୋଲି ଦର୍ଶାଯାଇଛି ।*

*ମେସର୍ସ ପଙ୍କଜ ଜୈନ ଏଜେନ୍ସି ଗୁଡ଼ିକ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1994] 5 SCC 198 ଉପରେ ନିର୍ଭର କରିଥିଲେ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 10379/1996 ।

ଅପିଲ ସଂଖ୍ୟା ଇ.ଡି. (Bom) – 298/1986 ରେ ଏଫ୍.ଓ. ସଂଖ୍ୟା 1260/96 – ଡବ୍ଲ୍ୟୁ ଆର୍ ବି ରେ ପଶ୍ଚିମ ଆଞ୍ଚଳିକ ବିଚାରପୀଠ, ସୀମା ଶୁଳ୍କ ଅବକାରୀ ଏବଂ ସ୍ୱର୍ଣ୍ଣ (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣ ଙ୍କ ତା 8.4.96 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଜେ ବି ଡି ଆଣ୍ଡ କୋ. ପାଇଁ ଜୋସେଫ୍ ଭେଲୋପାଲି, ରବିନ୍ଦର ନାରାୟଣ, ଅଶୋକ ସାଗର, ସୁଶ୍ରୀ ପୁନିତା ସିଂ ଏବଂ ସୁଶ୍ରୀ ସୋନୁ ଭଟନାଗର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଅପିଲରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ଅପିଲକାରୀଙ୍କ ବିରୋଧରେ *ମେସର୍ସ ପଙ୍କଜ ଜୈନ ଏଜେନ୍ସି ଗୁଡ଼ିକ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* [1994] 5 SCC 198 ରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ଭୁକ୍ତ ହୋଇଛି, ଯେଉଁଠାରେ ଏହାକୁ ନିମ୍ନରେ ଦୃଢ ଭାବରେ କୁହାଯାଇଥିଲା :

> "ତେଣୁ, ଆମେ ଏହି ଯୁକ୍ତିରେ କୌଣସି ସାର ଦେଖୁନାହୁଁ ଯେ, ଶାସକୀୟ ରାଜପତ୍ରରେ ପ୍ରକାଶନ ସତ୍ତ୍ୱେ ଆଇନକୁ ଜଣାଶୁଣା କରିବାରେ ଏପର୍ଯ୍ୟନ୍ତ ବିଫଳତା ଥିଲା ଏବଂ ତେଣୁ,

ଅଧିସୂଚନା, କାର୍ଯ୍ୟକାରିତା ଏବଂ ପ୍ରବର୍ତ୍ତନୀୟତାର ଉପାଦାନଗୁଡ଼ିକୁ ଅର୍ଜନ କରିନଥିଲା । ଶ୍ରୀ ଗଣେଶଙ୍କ ଏହି ଯୁକ୍ତି ଗ୍ରହଣୀୟ ନୁହେଁ ।''

(ଅନୁଚ୍ଛେଦ 18)

ଆମେ ଏହା ମଧ୍ୟ ଅବଲୋକନ କରିପାରିବା ଯେ, ଅପିଲକାରୀଙ୍କ ମାମଲାକୁ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ, ଏପରିକି ସ୍ୱୀକୃତ ସ୍ଥିତିରେ ମଧ୍ୟ ଯେ, ଅଧିସୂଚନା ଜାରି ହେବା ତାରିଖରେ ହିଁ ଏହି ଅଧିସୂଚନାଗୁଡ଼ିକ ଦ୍ୱାରା ଆଗତ ପରିବର୍ତ୍ତନ ବିଷୟରେ ଏକ ରେଡ଼ିଓ ଘୋଷଣା କରାଯାଇଥିଲା; ଏବଂ ଏକ ପ୍ରେସ୍ ବିଜ୍ଞପ୍ତି ମଧ୍ୟ ଅପିଲକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବାର ଅନ୍ୟ ଏକ ଆଧାର । ସେହି ଅନୁଯାୟୀ, ଅପିଲକୁ ଗ୍ରହଣ କରିବା ପାଇଁ କୌଣସି ଆଧାର ନାହିଁ ।

ତେଣୁ, ଏହି ଅପିଲ, ଖାରଜ ହୋଇଛି ।

ଟି.ଏନ୍.ଏ. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**